ନିତିଦିନ NITIDIN

ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶକୁ ବିରୋଧ

କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ନୂଆଦିଲ୍ଲୀ,ଭୁବନେଶ୍ୱର, ୧୫।୯/ଏନ୍ଏନ୍ଏସ୍: ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯କୁ ରାଜ୍ୟ ବିଧାନସଭାରେ ବିନା ଆଲୋଚନାରେ ରାଜ୍ୟ ସରକାର ଏଥିରେ ବ୍ୟାପକ ପରିବର୍ତ୍ତନ ଆଣିବା ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପଖୋରିୟାଲ ନିଶଙ୍କଙ୍କ ପାଖକୁ ଚିଠି ଲେଖି ଏ ସମ୍ବନ୍ଧରେ ତାଙ୍କୁ ଅବଗତ କରାଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହାସହ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶକୁ ନେଇ ଶିକ୍ଷାବିତ୍, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଥିବା ନେଇ ଶ୍ରୀ ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରିବା ସହ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଏହାସହ ଶ୍ରୀ ପ୍ରଧାନ ପ୍ରଫେସର ଏମ୍‌ସି ଦାସ ଏବଂ ପ୍ରଫେସର ଜିବିଏନ୍ ଚଇନିଙ୍କ ଦ୍ୱାରା ତାଙ୍କୁ ପ୍ରଦାନ କରିଥିବା ଅଭିଯୋଗ ପତ୍ରକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପଠାଇବା ସହ ସେମାନେ ଉଲ୍ଲେଖ କରିଥିବା ପ୍ରସଙ୍ଗ ସମ୍ପର୍କରେ ମଧ୍ୟ ଅବଗତ କରାଇଛନ୍ତି। ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ବିଶ୍ୱବିଦ୍ୟାଳୟଗୁଡ଼ିକ ସ୍ୱାୟତ୍ତତାକୁ ସଙ୍କୁଚିତ କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ -୧୯୮୯କୁ ପରିବର୍ତ୍ତନ କରିବା ସହ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୦୫କୁ ଉଚ୍ଛେଦ କରି ବିଶ୍ୱବିଦ୍ୟାଳୟଗୁଡ଼ିକୁ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଅଣାଯାଇଛି। ସିଣ୍ଡିକେଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କ୍ଷୁଣ୍ଣ କରି ଏହାକୁ ଅମଲାକୈନ୍ଦ୍ରିକ କରିବା ପାଇଁ ରାଜ୍ୟ ସରକାର ତାଙ୍କ ଅଧ୍ୟାଦେଶରେ ବ୍ୟବସ୍ଥା କରିଥିବା କୁଳପତି ସର୍ଚ୍ଚ କମିଟିରେ ସରକାରଙ୍କ ପ୍ରତିନିଧି ରହିବାର ବ୍ୟବସ୍ଥା ଜବରଦସ୍ତ ଲଦିଦିଆଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସରକାରୀ ଅଫିସର ରେଜିଷ୍ଟ୍ରାରଙ୍କୁ ସିଣ୍ଡିକେଟର ସମ୍ପାଦକ କରାଯିବାର ବ୍ୟବସ୍ଥା କରାଯାଇଛି। ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଓ ଫାକଲଟି ଚୟନ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ ଭୂମିକାକୁ ଶେଷ କରି ଓଡ଼ିଶା ଲୋକସେବା ଆୟୋଗକୁ ଏହି ଦାୟିତ୍ୱ ଦିଆଯାଇଛି। ଏହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରିବ। ଏହାସହ ଅଣ ଶିକ୍ଷକ ପଦରେ ଚାକିରି ଦେବା ପାଇଁ ଷ୍ଟାଫ୍ ସିଲେକ୍ସନ କମିଶନକୁ ଦାୟିତ୍ୱ ଦେଇ କୁଳପତିଙ୍କ ନିୟନ୍ତ୍ରିତ ବ୍ୟବସ୍ଥାକୁ ସମାପ୍ତ କରାଯାଇଛି। ବିଶ୍ୱବିଦ୍ୟାଳୟ ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ କରିବାର ପରମ୍ପରାକୁ ଶେଷ କରାଯାଇଛି। ଓଡ଼ିଶାରେ ଅର୍ଡିନାନ୍ସ ମାଧ୍ୟମରେ କରାଯାଇଥିବା ଏହି ପରବର୍ତ୍ତନ ଅନ୍ୟ ରାଜ୍ୟର ବ୍ୟବସ୍ଥାର ବିରୋଧାଚରଣ କରୁଛି। ଶିକ୍ଷା ସାମ୍ବିଧାନିକ ବ୍ୟବସ୍ଥାରେ ମିଳିତ ତାଲିକାରେ ଆସୁଥିବାରୁ ରାଜ୍ୟ ସରକାରଙ୍କ ଆଇନ କେନ୍ଦ୍ର ନୀତିର ବିରୋଧାଚରଣ କରିପାରିବ ନାହିଁ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

୨୯ରୁ ବିଧାନସଭା ମୌସୁମୀ ଅଧିବେଶନ

ପ୍ରଶ୍ନକାଳକୁ ନେଇ ପ୍ରଶ୍ନ କଲେ ବିରୋଧୀ

- ପ୍ରଶ୍ନକାଳ ବନ୍ଦ ନିଷ୍ପତ୍ତିକୁ ସମର୍ଥନ ଦେବୁନି: ତାରା
- ସଂସଦର ନିୟମକୁ ଅନୁସରଣ କରାଯାଉଛି: ଅମର
- ବ୍ୟକ୍ତିଗତ ମତ, ପ୍ରଶ୍ନକାଳ ରହିବା ଉଚିତ୍: ବିଷ୍ଣୁ

ଭୁବନେଶ୍ୱର,୧୫।୯/ଏନ୍ଏନ୍ଏସ୍: ଆସନ୍ତା ୨୯ ତାରିଖରୁ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅକ୍ଟୋବର ୭ ତାରିଖ ଯାଏ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୮ଟି କାର୍ଯ୍ୟଦିବସ ରହିଛି। ତେବେ ଚଳିତ ଅଧିବେଶନରେ ପ୍ରଶ୍ନକାଳକୁ ବାଦ୍ ଦିଆଯାଇଥିବା ବେଳେ ଏହାକୁ ନେଇ ରାଜନୀତି ସରଗରମ ହୋଇଉଠିଛି। କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ନିଷ୍ପତ୍ତିର ଦୃଢ଼ ବିରୋଧ କରିଥିବା ବେଳେ ପ୍ରଶ୍ନକାଳ ବନ୍ଦକୁ ଦଳ ସମର୍ଥନ କରିବ ନାହିଁ ବୋଲି ରୋକ୍‌ଠୋକ ଶୁଣାଇଛନ୍ତି। ସେହିପରି ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ ପ୍ରଶ୍ନକାଳ ସମ୍ପର୍କିତ ପ୍ରସଙ୍ଗରେ କହିଛନ୍ତି ଯେ ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ଦଳର ଆଭିମୁଖ୍ୟ ହେବ। ତେବେ ଆଗାମୀ ଅଧିବେଶନରେ ପ୍ରଶ୍ନକାଳ ରହିବା ଉଚିତ୍ ଥିଲା ଏବଂ ଏହା ମୋର ବ୍ୟକ୍ତିଗତ ମତ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ କରାଯାଇଥିବା ଅଭିଯୋଗର ଉତ୍ତର ରଖିଛି ଶାସକ ବିଜେଡି। ଦଳର ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ କୋଭିଡ ନିୟମ ଅନୁଯାୟୀ ମୌସୁମୀ ଅଧିବେଶନ ଡକାଯାଇଛି। ସଂସଦର ଅଧିବେଶନକୁ ଅନୁସରଣ କରି ରାଜ୍ୟରେ ଅନୁରୂପ ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଅଯଥା ରାଜନୀତି ନକରି ସମସ୍ତେ ସହଯୋଗ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

ନିଜ ବୟାନରେ ତାରା କହିଛନ୍ତି ଯେ ବିଧାନସଭା ସଚିବ ଯେଉଁ ଚିଠି ପଠାଇଛନ୍ତି, ସେଥିରେ କିଛି ସ୍ପଷ୍ଟତା ନାହିଁ। ଶୂନ୍ୟକାଳ, ମୁଲତବୀ ପ୍ରସ୍ତାବ ଉପରେ କିଛି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ମାତ୍ର ପ୍ରଶ୍ନକାଳକୁ ବନ୍ଦ କରାଯାଇଛି। ଏପରି ନିଷ୍ପତ୍ତିକୁ କେବେ ବି କଂଗ୍ରେସ ସମର୍ଥନ କରିନାହିଁ, କିମ୍ବା କରିବ ବି ନାହିଁ। ଆସନ୍ତା ୨୯ ତାରିଖରେ ବିଧାନସଭା ବସିବାକୁ ଯାଉଛି। ଏହାର ୩ରୁ ୪ ଦିନ ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯାଉ। ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ଆମେ ସର୍ବଦଳୀୟ ବୈଠକ ଡକାଇବାକୁ ଅନୁରୋଧ କରିଛୁ ବୋଲି ତାରା କହିଛନ୍ତି। ଯଦି ସଂସଦର ଅଧିବେଶନକୁ ଅନୁସରଣ କରୁଛୁ ବୋଲି ସରକାର କହୁଛନ୍ତି, ତାହେଲେ ସଂସଦର ସମସ୍ତ କାର୍ଯ୍ୟଶୈଳୀକୁ କାହିଁକି ଅନୁସରଣ କରାଯାଉ ନାହିଁ ବୋଲି ତାରା ପ୍ରଶ୍ନ କରିଛନ୍ତି। ସାଧାରଣ ଜନତାଙ୍କ ସ୍ୱରକୁ ବନ୍ଦ କରିଦିଆଯିବା ପାଇଁ ପ୍ରଶ୍ନକାଳକୁ ବନ୍ଦ କରାଯାଇଛି। କୋଭିଡ ମୁକାବିଲାରେ ପ୍ରବଳ ଦୁର୍ନୀତି ହୋଇଛି। ତେଣୁ ଦୁର୍ନୀତିକୁ ଚାପିବା ପାଇଁ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ଏବଂ ରାଜ୍ୟରେ ବିଜେଡି ନେତୃତ୍ୱାଧୀନ ସରକାର କଥାବାର୍ତ୍ତା ହୋଇ ପ୍ରଶ୍ନକାଳ ବନ୍ଦ କରିବାକୁ ମସୁଧା କରିଛନ୍ତି ବୋଲି ତାରା ଅଭିଯୋଗ କରିଛନ୍ତି। ସେହିପରି ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବିଧାୟକ ଦଳ ବୈଠକ ବସିବା ପରେ ଏନେଇ ମତାମତ ଦିଆଯିବ। ତେବେ ମୋର ବ୍ୟକ୍ତିଗତ ମତ ହେଉଛି ଯେ ବିଧାନସଭା ଅଧିବେଶନରେ ପ୍ରଶ୍ନକାଳ ରହିବା ଉଚିତ୍। ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ପ୍ରଶ୍ନକାଳ ମେରୁଦଣ୍ଡ ସଦୃଶ୍ୟ ହୋଇଥିବା ବେଳେ ଲୋକଙ୍କ ସମସ୍ୟା ଉଠାଇବାର ହେଉଛି ପ୍ରକୃତ ମାଧ୍ୟମ। ନିକଟରେ ଘଟିଥିବା ବାତ୍ୟା, ବନ୍ୟା ଏବଂ କରୋନା ପରି ପ୍ରାକୃତିକ ବିପର୍ଯ୍ୟୟ ହୋଇଥିବା ବେଳେ ଏଥିରେ ବ୍ୟାପକ ଦୁର୍ନୀତି ହୋଇଛି। ଏହି ବିଷୟରେ ଆଲୋଚନା ହେବାର ଥିଲା ବୋଲି ସେ କହିଛନ୍ତି। ଏପଟେ କଂଗ୍ରେସ କରିଥିବା ଅଭିଯୋଗର ଉତ୍ତର ରଖି ଶାସକ ବିଜେଡିର ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥି କହିଛନ୍ତି ଯେ ଲୋକସଭାର ଗାଇଡ୍‌ଲାଇନକୁ ରାଜ୍ୟମାନେ ଅନୁସରଣ କରନ୍ତି। କୋଭିଡ୍ ନିୟମକୁ ଧ୍ୟାନରେ ରଖି ଏବଂ ସଂସଦର କାର୍ଯ୍ୟଶୈଳୀକୁ ଅନୁସରଣ କରାଯାଇ ବିଧାନସଭା କାର୍ଯ୍ୟକ୍ରମ ସ୍ଥିର କରାଯିବ। ଏଥିରେ ରାଜନୀତି ପୂରାଇବା ଠିକ୍ ନୁହେଁ। ପଞ୍ଜାବ ପରି କଂଗ୍ରେସ ଶାସିତ ରାଜ୍ୟ ଏବଂ କିଛି ବିଜେପି ଶାସିତ ରାଜ୍ୟ ମଧ୍ୟ ଚଳିତ ଅଧିବେଶନରେ ପ୍ରଶ୍ନକାଳକୁ ବାତିଲ୍ କରିଛନ୍ତି। ତେଣୁ ଏନେଇ କଂଗ୍ରେସ ପ୍ରଶ୍ନ କରିବା ଉଚିତ୍ ନୁହେଁ। ତେଣୁ ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ଶ୍ରୀ ଶତପଥୀ ମତବ୍ୟକ୍ତ କରିଛନ୍ତି।

ଡାକ୍ତରଖାନା ବାରଣ୍ଡାରେ ଟଳିପଡ଼ିଲେ

ପତ୍ନୀ ଆଗରେ ଆଖିବୁଜିଲା ସ୍ୱାମୀ



ଢେଙ୍କାନାଳ,୧୫।୯/ଏନ୍ଏନ୍ଏସ୍: ଢେଙ୍କାନାଳ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଅବହେଳାକୁ ନେଇ ଦୀର୍ଘ ବର୍ଷ ଧରି ଢେଙ୍କାନାଳବାସୀ ବହୁବାର ଆନ୍ଦୋଳନ କରିଆସୁଛନ୍ତି। ଏସବୁ ପରେ ଆଜି ମୁଖ୍ୟ ଚିକିତ୍ସାଳୟର ଓପିଡି ସମ୍ମୁଖରେ ଚିକିତ୍ସା ଅବହେଳାରୁ ପତ୍ନୀ ଆଗରେ ଜଣେ ବ୍ୟକ୍ତି ପଡ଼ି ମୃତ୍ୟୁବରଣ କରିବା ଘଟଣା ମେଡିକାଲର ଚିକିତ୍ସା ସେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସର୍ବସାଧାରଣରେ ବ୍ୟକ୍ତି ଜଣଙ୍କ ପଡ଼ି ଯାଇଥିଲେ ମଧ୍ୟ କେହି ବି ଜଣେ ସହାୟତା କରିବା ପାଇଁ ଆଗେଇ ଆସି ନଥିଲେ। ଏମିତି କି ଉଠାଇ ନଥିଲେ କି ଛୁଇଁ ନଥିଲେ। ତାଙ୍କ ପତ୍ନୀ ଏକୁଟିଆ ଅସହାୟ ଅବସ୍ଥାରେ ଛାତିକୁ ପମ୍ପିଂ କରିଥିଲେ ମଧ୍ୟ ପରିଣାମ କିଛି ହୋଇ ନଥିଲା। ଶେଷରେ ସର୍ବସାଧାରଣରେ ବ୍ୟକ୍ତି ଜଣଙ୍କ ଜୀବନ ହରାଇଲେ।

ଖବର ନେବାରୁ ଜଣାପଡ଼ିଛି ଯେ ଅନୁଗୁଳରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଢେଙ୍କାନାଳ ଜିଲ୍ଲା ନାଧରା ଗ୍ରାମର ସୁଶାନ୍ତ ପୃଷ୍ଟିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ସେ ଛୁଟି ନେଇ ନିଜ ଗ୍ରାମକୁ ଫେରି ପତ୍ନୀଙ୍କ ସହ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର ତାଙ୍କୁ କରୋନା ଟେଷ୍ଟ କରିବା ପାଇଁ ପଠାଇଥିଲେ। କୋଭିଡ୍ ଟେଷ୍ଟ ପାଇଁ ଧାଡ଼ିରେ ନିଜ ପତ୍ନୀ ସହିତ ଠିଆ ହୋଇଥିବା ସୁଶାନ୍ତଙ୍କ ଅବସ୍ଥା ସାଂଘାତିକ ହୋଇପଡ଼ିବାରୁ ସୁଶାନ୍ତଙ୍କ ପତ୍ନୀ ତାଙ୍କୁ ଡାକ୍ତରଙ୍କ ନିକଟକୁ ନେବାପାଇଁ ଚେଷ୍ଟା କରୁଥିବା ବେଳେ ସ୍ୱାମୀ ସୁଶାନ୍ତ ଓପିଡି ବାରଣ୍ଡାରେ ଖସିପଡ଼ିଥିଲେ। ସୁଶାନ୍ତଙ୍କ ପତ୍ନୀ ବାରଣ୍ଡାରେ ଠିଆ ହୋଇଥିବା ମେଡିକାଲର ଅନ୍ୟ କର୍ମଚାରୀ ଓ ଡାକ୍ତରଙ୍କୁ ସ୍ୱାମୀଙ୍କର ଚିକିତ୍ସା ପାଇଁ ନେହୁରା ହେଉଥିଲେ ମଧ୍ୟ କେହି ତାଙ୍କ କଥା ଶୁଣିନଥିଲେ। ଶେଷରେ ନିରାଶ ହୋଇ ସୁଶାନ୍ତଙ୍କ ପତ୍ନୀ ନିଜ ସ୍ୱାମୀଙ୍କର ଛାତିକୁ ପମ୍ପିଂକରି ସ୍ୱାମୀଙ୍କର ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଚାହିଁ ଚାହିଁ ଆଖିଆଗରେ ସ୍ୱାମୀଙ୍କର ଜୀବନ ଦୀପ ଲିଭିଯାଇଥିଲା। ଏହି ଘଟଣା ମୁଖ୍ୟ ଚିକିତ୍ସାଳୟର ଓପିଡି ବାରଣ୍ଡାରେ ଘଟିଥିଲେ ମଧ୍ୟ ସମସ୍ତେ ଏହି ଘଟଣାକୁ ଚପାଇ ଦେବାପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ। ମାତ୍ର କୌଣସି ଜଣେ ବ୍ୟକ୍ତି ଏହି ଘଟଣାର ଭିଡିଓକୁ ସୋସିଆଲ୍ ମିଡିଆରେ ଭାଇରାଲ କରିଥିଲେ। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଧିକାରିଣୀ ଡା.ସୁଜାତାରାଣୀ ମିଶ୍ରଙ୍କୁ ପଚାରିବାରୁ ସେ ଘଟଣା ବିଷୟରେ ଜାଣିନଥିବା ଏବଂ ସୋସିଆଲ ମିଡିଆରୁ ଦେଖିବାରୁ ଜାଣିଲି ବୋଲି କହିଛନ୍ତି। ଅପରପକ୍ଷେ ଏହାର ତଦନ୍ତ କରି ଅବହେଳା ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏଥିସହିତ ଉକ୍ତ ବ୍ୟକ୍ତିଜଣଙ୍କ ତାଙ୍କର କରୋନା ପଜିଟିଭ ଖବର ଶୁଣି ତଳେ ପଡ଼ିଯାଇଥିଲେ। ଯାହାଫଳରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଡାକ୍ତର ଶ୍ରୀମତୀ ମିଶ୍ର ସଫେଇ ଦେଇଛନ୍ତି।

ଏ ସମ୍ପର୍କରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ପାତ୍ର, ଜଗତ ଉଦ୍ଧାର ମଞ୍ଚ ସଭାପତି ନବକିଶୋର ଗୁରୁ ଏହି ଘଟଣାକୁ ନେଇ ନିନ୍ଦା କରିବାସହ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରୁଥିବା ଦୋଷୀ ଅଧିକାରୀଙ୍କ ବିରୋଧରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ଏହାକୁ ନେଇ ଏକ ବଡ଼ ଧରଣର ଆନ୍ଦୋଳନର ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଛନ୍ତି।

ବନ୍ୟା କ୍ଷୟକ୍ଷତି ଆକଳନ ଲାଗି ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୧୫।୯/ଏନ୍ଏନ୍ଏସ୍: ରାଜ୍ୟରେ ଗତମାସରେ ଆସିଥିବା ବନ୍ୟାର କ୍ଷୟକ୍ଷତି ଆକଳନ କରିବାକୁ କେନ୍ଦ୍ରୀୟ ଟିମ୍ ଆସନ୍ତାକାଲି (ବୁଧବାର) ଓଡ଼ିଶା ଆସିବେ। ଏହି ଟିମ୍ ଦୁଇଦିନ ଧରି ଓଡ଼ିଶାର ସର୍ବାଧିକ ବନ୍ୟା ପ୍ରଭାବିତ ୪ ଜିଲ୍ଲା ଗସ୍ତ କରି ୧୭ ତାରିଖ ଅପରାହ୍ନରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନାନୁସାରେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରବୀଣ ବଶିଷ୍ଠଙ୍କ ନେତୃତ୍ୱରେ ଏକ ଟିମ୍ ଆସନ୍ତାକାଲି ସକାଳେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଟିମ୍‌ରେ କୃଷି, ଜଳ ସମ୍ପଦ, ସଡ଼କ ପରିବହନ ଓ ରାଜପଥ, ଗ୍ରାମ୍ୟ ଉନ୍ନୟନ ଓ ଅର୍ଥ ମନ୍ତ୍ରଣାଳୟର ଅଧିକାରୀମାନେ ସଦସ୍ୟ ଅଛନ୍ତି। ଏହି ଟିମ୍ ଦୁଇଟି ଭାଗରେ ବିଭକ୍ତ ହୋଇ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ପୁରୀ ଯାଇ ବନ୍ୟା କ୍ଷୟକ୍ଷତି ଆକଳନ କରିବା ସହ ୧୭ ତାରିଖ ଅପରାହ୍ନରେ ଭୁବନେଶ୍ୱର ଫେରିବେ। ପରେ ଅପରାହ୍ନ ୫ଟାରେ ଲୋକସେବା ଭବନରେ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ବୈଠକ ବସିବ। ଏହି ବୈଠକରେ ବନ୍ୟା କ୍ଷୟକ୍ଷତି ନେଇ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ରିପୋର୍ଟ କେନ୍ଦ୍ରୀୟ ଟିମ୍‌କୁ ପ୍ରଦାନ କରାଯିବ। ୧୭ ତାରିଖ ସନ୍ଧ୍ୟାରେ ଏହି ଟିମ୍ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

ଏନ୍ଏସ୍ଏସ୍‌ରେ ବାଙ୍କୀ କଲେଜ ଦେଶରେ ୫ମ

ବାଙ୍କୀ,୧୫।୯/ଏନ୍ଏନ୍ଏସ୍: ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ୨୦୧୮ - ୧୯ ବର୍ଷ ପାଇଁ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟପାଇଁ ଓଡ଼ିଶାର ଏକମାତ୍ର କଲେଜ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସର୍ବଭାରତୀୟସ୍ତରରେ ପଞ୍ଚମ ସ୍ଥାନ ଅଧିକାର କରିଛି। ଆସନ୍ତା ୨୪ ତାରିଖରେ ଏନ୍ଏସ୍ଏସ୍‌ର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବାଙ୍କୀ କଲେଜର ପ୍ରାଧ୍ୟାପକ ତଥା କଟକ ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସତ୍ୟଜିତ ଦାସ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଦିବ୍ୟାନୀ ବେହେରା, ପ୍ରଭଞ୍ଜନ ମଣ୍ଡଳଙ୍କୁ ସମ୍ମାନୀତ କରିବା କାର୍ଯ୍ୟକ୍ରମ ରହିଛି। ଶ୍ରୀ ଦାସ ଏହା ପୂର୍ବରୁ ୨୦୧୭ - ୧୮ ବର୍ଷରେ ରାଜ୍ୟ ପୁରସ୍କାର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବେ ସମ୍ମାନିତ ହୋଇଥିଲେ। ଓଡ଼ିଶାରେ ଏକମାତ୍ର କଲେଜ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଫଳତା ପାଇଁ ଦିଲ୍ଲୀସ୍ଥିତ ଜାତୀୟ ସେବା ଯୋଜନା ନିର୍ଦ୍ଦେଶାଳୟର ସହକାରୀ ଉପଦେଷ୍ଟା ଡ.କମଳ କୁମାର କର, ଉପଶାସନ ସଚିବ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଡ.ସୁରେଖା ସୁନ୍ଦରୀ ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ସଂଯୋଜକ ଲୁସି ହେମ୍ବ୍ରମ୍, ଇଟିଆଇ ପ୍ରଶିକ୍ଷକ ଡ.ନିରୋଦ ବରନ ଖୁଣ୍ଟିଆ, ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଜୟଶ୍ରୀବାଳା ମଲ୍ଲିକ, ବାଙ୍କୀ କଲେଜ ଅଧକ୍ଷ ଡ.ନିରଞ୍ଜନ ସିଅ, ବାଙ୍କୀ କଲେଜ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ସୁନୀଲ ମିଶ୍ର, ଅଧ୍ୟାପକ ବିଶ୍ୱମୋହନ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

ଅଢ଼େଇ କୋଟିର ପିଏନ୍‌ବି ଜାଲିଆତି

ବରିଷ୍ଠ ପ୍ରବନ୍ଧକଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୧୫।୯/ଏନ୍ଏନ୍ଏସ୍: କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି)ରେ ହୋଇଥିବା ଅଢ଼େଇ କୋଟି ଟଙ୍କା ଜାଲିଆତିର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ପିଏନ୍‌ବି ଜୟଦେବ ବିହାର ଶାଖାର ବରିଷ୍ଠ ପ୍ରବନ୍ଧକ ତଥା ଆସେସ୍‌ମେଣ୍ଟ ଅଫିସର ଶ୍ରୀକାନ୍ତ ପ୍ରସାଦ ପୃଷ୍ଟିଙ୍କ ସମେତ କେପି ସଲ୍ୟୁସନ ନାମକ ଏକ ବ୍ୟବସାୟ ସଂସ୍ଥାର ମାଲିକ କାଳିପ୍ରସାଦ ମିଶ୍ରଙ୍କୁ ଗିରଫ କରାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ମିଳିଛି। ଏନେଇ ଇଓଡବ୍ଲ୍ୟୁ ପୁଲିସ କେସ ନଂ ୭/୨୦ରେ ଏକ ମାମଲା ରୁଜୁକରି ଧାରା ୪୦୬/ ୪୨୦/ ୪୬୭/ ୪୬୮/ ୪୭୧/୧୨୦(ବି) ଆଇପିସିରେ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ପ୍ରସାଦ ପୃଷ୍ଟି ୨୦୧୭ ମସିହାରେ ପିଏନ୍‌ବି ବାପୁଜୀନଗର ଶାଖାରେ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଅଭିଯୁକ୍ତ କାଳିପ୍ରସାଦ ମିଶ୍ର ତାଙ୍କ ପାଖକୁ ଲୋନ୍ ନେବା ପାଇଁ ଆସିଥିଲେ। କାଳିପ୍ରସାଦଙ୍କର ଭୁବନେଶ୍ୱର ନାଗେଶ୍ୱର ଟାଙ୍ଗି ଅଞ୍ଚଳରେ କେ.ପି ସଲ୍ୟୁସନ ନାମକ ଏକ ହୋଲ୍‌ସେଲିଂ ଦୋକାନ ରହିଛି। ସେଠାରେ ଟାଇଲ୍ସ, ସାନିଟାରୀ ଆଇଟମ୍ ଏବଂ ବିଦ୍ୟୁତ୍ ସାମଗ୍ରୀ ସୁଲଭ ଦରରେ ସେ ଲୋକଙ୍କୁ ବିକ୍ରି କରନ୍ତି। ବ୍ୟବସାୟ ପାଇଁ ତାଙ୍କର ଟଙ୍କା ଆବଶ୍ୟକ ରହିଥିଲା। ଏନେଇ ସେ ପ୍ରବନ୍ଧକ ଶ୍ରୀକାନ୍ତ ପ୍ରସାଦଙ୍କୁ ଭେଟିଥିଲେ। ଏହାପରେ ସେ ପିଏନ୍‌ବିରୁ ଅଢ଼େଇ କୋଟି ଟଙ୍କାର ଲୋନ୍ ନେବା ପାଇଁ ଆବେଦନ କରିଥିଲେ। ଏହି ସମୟରେ ସେ ଜାଲିଆତି କରି ୩ ଜଣ ଲୋକଙ୍କୁ ଗ୍ୟାରେଣ୍ଟର ଭାବେ ରଖିଥିଲେ। ସେହି ୩ଜଣଙ୍କର ସମସ୍ତ ନକଲି କାଗଜପତ୍ର ସହିତ ଘରକୁ ବନ୍ଧକ ରଖିଥିଲେ। ଏହି ନକଲି କାଗଜପତ୍ରକୁ ଯାଞ୍ଚ ନକରି ପ୍ରବନ୍ଧକ ଲୋନ୍ ମଞ୍ଜୁର କରିଦେଇଥିଲେ। ଏହାପରେ କାଳିପ୍ରସାଦ ବ୍ୟାଙ୍କରୁ ଅଢ଼େଇ କୋଟି ଟଙ୍କାର ଲୋନ୍ ନେଇଥିଲେ।

ପରେ ସେ ଲୋନ୍ ଫେରସ୍ତ ନକରିବାରୁ ପିଏନ୍‌ବିର ସର୍କଲ ହେଡ୍ ତାଙ୍କ କାଗଜପତ୍ର ଯାଞ୍ଚ କରିଥିଲେ। ଏନେଇ ସେ ସମସ୍ତ ଗ୍ୟାରେଣ୍ଟରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ କୌଣସି ପ୍ରକାର ଲୋନ୍‌ରେ ସମ୍ପୃକ୍ତ ନଥିବା କହିଥିଲେ। ପରେ ସେମାନଙ୍କୁ ପଚରାଉଚରା କରିବାରୁ ଜଣାପଡ଼ିଲା ଯେ ନକଲି କାଗଜପତ୍ର ସଂଗ୍ରହ କରାଯାଇ ଲୋନ୍ ମଞ୍ଜୁରି ହୋଇଥିଲା। ଏହି ବ୍ୟାଙ୍କ୍ ଜାଲିଆତିରେ ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ପ୍ରସାଦ ପୃଷ୍ଟି ସାମିଲ ଥିବା ସର୍କଲ ହେଡ୍ ଜାଣିବାକୁ ପାଇଥିଲେ। ଏହାପରେ ସର୍କଲ ହେଡ୍ ଗତ ସୋମବାର ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଇଓଡବ୍ଲୁ ଏକ ମାମଲା ରୁଜୁ କରିଥିଲା। ପରେ ଘଟଣାର ତଦନ୍ତ କରି ଜାଣିବାକୁ ପାଇଲେ ଯେ, କାଳିପ୍ରସାଦ ଯେଉଁ ୩ ଜଣଙ୍କୁ ଗ୍ୟାରେଣ୍ଟର ରଖି ନକଲି କାଗଜପତ୍ର ଦେଇ ଲୋନ୍ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦୧୪ ମସିହାରେ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଏମିତିକି ମର୍ଟଗେଜ୍ ବାବଦକୁ ରଖାଯାଇଥିବା ସମ୍ପତ୍ତିର କାଜଗପତ୍ର ସବୁ ନକଲି। ଏହାପରେ ଇଓଡବ୍ଲ୍ୟୁ ପୁଲିସ ସେମାନଙ୍କୁ ଗିରଫ କରିବା ସହ ବେଆଇନ କାଗଜପତ୍ର ଜବତ କରିଛି। ଅନ୍ୟପକ୍ଷରେ ନକଲି କାଗଜପତ୍ର ଦେଇ ଲୋନ୍ ନେଇଥିବା ଯୋଗୁଁ ବ୍ୟାଙ୍କକୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ଲୋନ୍‌ର ପରିମାଣ ଅଢ଼େଇ କୋଟିରୁ ଏବେ ୨କୋଟି ୬୭ଲକ୍ଷ ୩୩ହଜାର ହୋଇଯାଇଛି।

ଲୋକସଭା ସାଂସଦଙ୍କୁ ସମ୍ବଲପୁରୀ ମାସ୍କ ବାଣ୍ଟିଲେ ସାଂସଦ

ଭୁବନେଶ୍ୱର,୧୫।୯/ଏନ୍ଏନ୍ଏସ୍: ସଂସଦର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ସାମାଜିକ ଦୂରତା ରକ୍ଷା ସହ ଗୃହ ଭିତରେ ସମସ୍ତ ସଦସ୍ୟଙ୍କ ଲାଗି ମାସ୍କ ବାଧ୍ୟତାମୂଳକ କରାଯାଇଛି। ଏହି ଅବସରରେ ଲୋକସଭା ସାଂସଦଙ୍କୁ ସମ୍ବଲପୁରୀ ମାସ୍କ ବାଣ୍ଟିଛନ୍ତି ବରଗଡ଼ ବିଜେପି ସାଂସଦ ସୁରେଶ ପୂଜାରୀ। ବରଗଡ଼ର ବୟନିକା ନିର୍ଦ୍ଦେଶକ ସଞ୍ଜୟ ମେହେରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଡିଜାଇନର ଭଳିକି ଭଳି ହାତ ତିଆରି ମାସ୍କକୁ ଶ୍ରୀ ପୂଜାରୀ ବାଣ୍ଟିଥିଲେ। ଓଡ଼ିଆ ସାଂସଦଙ୍କର ଏପରି ନିଆରା ଉପହାରକୁ ଲୋକସଭା ବାଚସ୍ପତିଙ୍କଠାରୁ ଆରମ୍ଭ କରି ସାଂସଦମାନେ ବେଶ ପସନ୍ଦ କରିଥିଲେ। ଏନେଇ ଶ୍ରୀ ପୂଜାରୀ ଟ୍ୱିଟରରେ ଲେଖିଛନ୍ତି ଯେ ଭାରତବର୍ଷର ଲୋକସଭା ସଦନରେ ସାଂସଦମାନଙ୍କୁ ସମ୍ବଲପୁରୀ ମାସ୍କ ଉପହାର କରିଥିଲି। ଆମ ଅଞ୍ଚଳର ପାରମ୍ପାରିକ ହସ୍ତତନ୍ତ ସାମଗ୍ରୀକୁ ବାଣ୍ଟି ଭାରତର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଏହା ଏକ ଛୋଟ ପ୍ରୟାସ। ବାଚସ୍ପତି ଓମ୍ ବିର୍ଲାଙ୍କୁ ମଧ୍ୟ ଏହି ମାସ୍କ ପ୍ରଦାନ କରିଛନ୍ତି। ସାଥୀ ଓଡ଼ିଆ ସାଂସଦଙ୍କ ସହ ବାଚସ୍ପତିଙ୍କ କାର୍ଯ୍ୟାଳୟକୁ ଯାଇ ସେ ମାସ୍କ ଦେବା ସହ ତାଙ୍କୁ ସମ୍ବଲପୁରୀ ବୟନଶିଳ୍ପର ବିଶେଷତ୍ୱ ବୁଝାଇଛନ୍ତି ବୋଲି ଟ୍ୱିଟରେ ଉଲ୍ଲେଖ କରିଛନ୍ତି। ଏପଟେ ଶ୍ରୀ ପୂଜାରୀଙ୍କ ଉପହାରରେ ଖୁସି ହୋଇ ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେ ଟ୍ୱିଟ କରି ସୁରେଶଙ୍କୁ ଏହି ମାସ୍କ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ହାତୀ ଥଇଥାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପିତ

ସାଢ଼େ ୧୦ ଏକରରେ ଖର୍ଚ୍ଚହେବ ୬ କୋଟି

- ୩ ମାସରେ ସରିବ ଏହାର ନିର୍ମାଣ କାର୍ଯ୍ୟ
- ଆବଶ୍ୟକ ସ୍ଥଳେ ହେବ ଆଉ ୪ ଆଶ୍ରୟସ୍ଥଳୀ

ଭୁବନେଶ୍ୱର,୧୫।୯/ଏନ୍ଏନ୍ଏସ୍: ଆଜି ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ କୁମାରଖୁଣ୍ଟିଠାରେ ଜଙ୍ଗଲ ଓ ପରିବେଶ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ହାତୀ ଥଇଥାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଡ. ମୋନା ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡ.ହରିଶଙ୍କର ଉପାଧ୍ୟାୟ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସାଢ଼େ ୧୦ ହେକ୍ଟର ପରିମିତ ସ୍ଥାନରେ ୬କୋଟି ଟଙ୍କା ବ୍ୟୟରେ ଏହି ହାତୀ ଥଇଥାନ କେନ୍ଦ୍ର ନିର୍ମାଣ କରାଯିବ। ଏହା କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପାଇସାରିଛି। ପ୍ରାୟ ୩ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ। ଆବଶ୍ୟକସ୍ଥଳେ ଏହିଭଳି ୪ ଟି ହାତୀ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ। ଉଦ୍ଧାର କରାଯାଇଥିବା ହାତୀଙ୍କୁ ଏଠାରେ ଆଶ୍ରୟ ଦେଇ ସେମାନଙ୍କର ସେବାଶୁଶ୍ରୁଷା ଓ ଚିକିତ୍ସା କରାଯିବ। ମା’ ଠାରୁ ପୃଥକ ହୋଇଯାଇଥିବା ହାତୀ ଶାବକଙ୍କୁ ମଧ୍ୟ ଏଠାରେ ରଖାଯିବ। ଅଭିଜ୍ଞ ମାହୁନ୍ତମାନେ ସେମାନଙ୍କ ଲାଗି ନିୟୋଜିତ ହେବେ। ହାତୀ ଚିକିତ୍ସା କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥିବା ଅବସରପ୍ରାପ୍ତ ପ୍ରାଣୀଚିକିତ୍ସକଙ୍କୁ ନିୟୋଜିତ କରାଯାଇ ହାତୀ ଚିକିତ୍ସାକୁ ତ୍ୱରାନ୍ୱିତ କରାଯିବ। ମାହୁନ୍ତମାନଙ୍କ ରହିବା ଲାଗି ବ୍ୟବସ୍ଥା, ପ୍ରାଣୀଚିକିତ୍ସା ପ୍ରୟୋଗଶାଳା, ରନ୍ଧନଶାଳା ଆଦିର ବ୍ୟବସ୍ଥା ରହିବ। ହାତୀଙ୍କ ଲାଗି ଖାଇବା ପାଇଁ ଘାସ, ଗଛପତ୍ର ଆଦିର ସ୍ୱତନ୍ତ୍ର ଓ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବ।

ହାତୀ ଜନବସତି ମଧ୍ୟରେ ପ୍ରବେଶ କରି କ୍ଷତି ଘଟାଇବା ସମସ୍ୟାର ସମାଧାନ ସମ୍ବନ୍ଧରେ କେନ୍ଦ୍ର ସରକାର ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛନ୍ତି। ପ୍ରକଳ୍ପ ହାତୀ ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯାଉଛି। ପ୍ରକଳ୍ପ ହାତୀ ଯୋଜନାରେ ହାତୀ ଉଦ୍ଧାର ଓ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ଅନ୍ୟତମ। ଏଥିରେ ଆହତ ହାତୀଙ୍କୁ ରଖାଯାଇ ସେମାନଙ୍କର ଚିକିତ୍ସା କରାଯାଇପାରିବ।

ସୂଚନାଯୋଗ୍ୟ ଯେ, ଗତ ହାତୀଗଣନା ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୨ହଜାର ହାତୀ ରହିଛନ୍ତି। ମଣିଷ-ହାତୀ ସଂଘର୍ଷରେ ବର୍ଷକୁ ପ୍ରାୟ ୮୦ଟି ହାତୀ ମୃତ୍ୟୁମୁଖରେ ପଡୁଥିବା ବେଳେ ପ୍ରାୟ ୧୦୦ ଲୋକ ମୃତ୍ୟୁବରଣ କରିଥାନ୍ତି। ଏହାବ୍ୟତୀତ ବନ ବିଭାଗର କର୍ମଚାରୀ ଓ ଅନ୍ୟ ସାଧାରଣ ଲୋକଙ୍କ ବ୍ୟାପକ ଧନଜୀବନ ହାନି ଘଟିଥାଏ। ସମୟରେ ଜନବସତି ମଧ୍ୟକୁ ପଶିଆସି ବହୁ କ୍ଷତିସାଧନ କରିଥାଏ। ନିକଟ ଅତୀତରେ ଯାଜପୁର, ଢେଙ୍କାନାଳ ଓ ଖୋର୍ଦ୍ଧା ବନ ଡିଭିଜନରେ ଏହିଭଳି ଘଟଣାମାନ ନଜରକୁ ଆସିଛି। ବ୍ୟାପକ ଭିତ୍ତିଭୂମି ଉନ୍ନୟନ, ଜନବସତିର ବୃଦ୍ଧି ଓ ଜଙ୍ଗଲ ଜମିର ପରିବର୍ତ୍ତନ ଲାଗି ହାତୀ ଆଶ୍ରୟସ୍ଥଳ କମିଯିବା ଏହି ସମସ୍ୟାର ମୂଳ କାରଣ।

ହାତୀଙ୍କ ଲାଗି ଏହି ଥଇଥାନ କେନ୍ଦ୍ର ବା ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରତିଷ୍ଠା ହାତୀ ଉଦ୍ଧାର ଓ ପୁନର୍ବାସ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହେବ ଓ ପ୍ରକଳ୍ପ ହାତୀ ଯୋଜନାକୁ ସମୁଚିତ ଭାବେ ରୂପାୟିତ କରିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି।